সলমন খুর্সিদ — 

ସଲମନ ଖୁର୍ସିଦ ବୈଦେଶିକ ବ୍ୟାପାର ମନ୍ତ୍ରୀ

୧୦୫୭୭-ଇ.ଏ.ଏମ-୨୦୧୩ ଭାରତ

ତା.୧୩.୧୨.୨୦୧୩

ମାନନୀୟ ଅଧ୍ୟକ୍ଷ

ରାଜ୍ୟସଭା

ନୂଆ ଦିଲ୍ଲୀ

ମହାଶୟ,

ତା. ୫.୧୨.୨୦୧୩ ରେ ବିରୋଧୀ ଦଳର ନେତା ଶ୍ରୀ ଅରୁଣ ଜେଟଲୀ ବାଙ୍ଗଲାଦେଶର ସୀମା ପରିସରର ଚୁକ୍ତି ସମ୍ବନ୍ଧରେ ସମ୍ବିଧାନର ୧୧୯ ତମ ସଂଶୋଧନକୁ ବିରୋଧ କରି ରାଜ୍ୟସଭାର ସାଧାରଣ ସଚୀବଙ୍କୁ ଯେଉଁ ପତ୍ର ଦେଇଛନ୍ତି, ମୁଁ ତାହାର ଉତ୍ତରରେ ଏହାକୁ ଲେଖୁଅଛି ।

ସେ ଉଲ୍ଲେଖ କରିଛନ୍ତି କି ଦେଶର ଭୌଗୋଳିକ ପରିସର ସମ୍ବିଧାନର ମୂଳ ଢ଼ାଞ୍ଚା । ତେଣୁ ତାହାର ସଂଶୋଧନ ବା ପରିବର୍ତ୍ତନ କରାଯାଇ ନପାରେ । ମାତ୍ର ଏକ ସାର୍ବଭୌମ୍ୟ ଦେଶ ଭାବରେ ଯଦି ବିଦେଶର କିଛି ଅଂଶ ଆମ ଦେଶର ପରିସର ମଧ୍ୟରେ ରହିଥାଏ, ତେବେ ତାହାକୁ ପ୍ରଦାନ କରିବା ଆମର ସ୍ୱାଭାବିକ ଧର୍ମ ଅଟେ । ଏହା ଜାତୀୟ ସ୍ୱାର୍ଥ ଦୃଷ୍ଟିର ମଧ୍ୟ ଗ୍ରହଣୀୟ ।

ମାନ୍ୟବର ସୁପ୍ରିମ କୋର୍ଟ ଉକ୍ତ ଘଟଣା ନେଇ ଯେଉଁ ନିଷ୍ପତ୍ତି ଦେଇଅଛି ତାହା ଶ୍ରୀ ଜେଟଲୀଙ୍କ ମନରେ ଭ୍ରାନ୍ତ ଧାରଣା ସୃଷ୍ଟି କରିଅଛି । ସୁପ୍ରିମ କୋର୍ଟରେ ଏକ ଆଠ ଜଣିଆ ବେଞ୍ଚର ଜଜ୍‌ଙ୍କ ଦ୍ୱାରା ନିଷ୍ପତ୍ତି ଦିଆ ଯାଇଥିଲା କି, ଯଦି ଦେଶର ପରିସର ମଧ୍ୟରେ ଯଦି ଅନ୍ୟ ଦେଶର ଭୂଭାଗ ରହିଥାଏ, ତେବେ ସାମ୍ବିଧାନିକ ସଂଶୋଧନ ମାଧ୍ୟମରେ ତାହାକୁ ଉକ୍ତ ଦେଶକୁ ପ୍ରଦାନ କରାଯାଇ ପାରିବ ।

୪୬ ନଂ ସଂଶୋଧନରେ ଭାରତର କିଛି ଅଂଶ ପାକିସ୍ତାନକୁ ଦେବାର ନିଷ୍ପତ୍ତି ଦିଆଯାଇଥିଲା । ମାତ୍ର ଏହା ଦ୍ୱାରା ଧୀରେ ଧୀରେ ଦେଶର ଭୂଭାଗ ହ୍ରାସ ପାଇବାର ସମ୍ଭାବନା ଦେଖି ତାହାକୁ ସ୍ଥଗିତ ରଖାଗଲା । ତେଣୁ ଉକ୍ତ ସଂଶୋଧନ ସମ୍ବିଧାନର ଧାରା ୩୬୮ ଅନୁଯାୟୀ ପାର୍ଲିଆମେଣ୍ଟରେ ସାଧାରଣ

ଗୋଟିଏ ନିୟମ ପ୍ରଣୟନ କରି ବେରୁବରି ୟୁନିୟନ-୧୨ ଓ କୁଚ ବିହାରର କିଛି ଅଂଶ ପାକିସ୍ତାନକୁ ଦିଆଯାଇଥିଲା । ଯଦି ପାର୍ଲିଆମେଣ୍ଟର ଧାରା-୩ କୁ ସଂଶୋଧନ କରିବାପାଇଁ ଗୋଟିଏ ମାତ୍ର ନିୟମ ପ୍ରଣୟନ କରାଯାଏ ତେବେ ଉକ୍ତ ଚୁକ୍ତିକୁ ଅନାୟସରେ ଲାଗୁ କରାଯାଇପାରେ ।

**ବେରୁବରୀ ନିଷ୍ପତ୍ତି**

୨୯ ନଂ ନିଷ୍ପତ୍ତିରେ ସମ୍ବିଧାନର ଏପରି ଏକ କ୍ଷମତା ରହିଛି ଯାହା ଦ୍ୱାରା ନିଷେଧ ଜାରି କରିବା ବା କଟକଣା ଜାରି କରିବା କାର୍ଯ୍ୟ କରାଯାଇପାରିବ । ସେଥିରେ ଏପରି ନୀତି ନିୟମମାନ ରହିଛି ଯାହାକି ଦେଶର ସାର୍ବଭୌମ୍ୟତା ନୀତି ନିୟମକୁ ଉଲଙ୍ଘନ କରୁଅଛି । ଏଥିରେ ଯଦି ଆବଶ୍ୟକ ପଡ଼େ ତେବେ ଅନ୍ୟ  ଦେଶରେ ଥିବା ଭୂଭାଗ ଯଦି ଆମ ଦେଶର ପରିସର ମଧ୍ୟରେ ରହିଥାଏ ତେବେ ତାହାକୁ ଉକ୍ତ ଦେଶକୁ ପ୍ରଦାନ କରାଯାଇ ପାରିବ । ଅପର ପକ୍ଷରେ ଉକ୍ତ ଚୁକ୍ତି ଅନୁଯାୟୀ ସମ୍ବିଧାନରେ ଏପରି ଶବ୍ଦ ସବୁ ବ୍ୟବହୃତ ହୋଇଅଛି କି, ତାହା ଭିନ୍ନ ଭିନ୍ନ ଅର୍ଥକୁ ବୁଝାଉଛି । ତେଣୁ ଚାଟାର୍ଜୀଙ୍କର ପୂର୍ବର କିଛି ନୀତି ନିୟମରେ ଥିବା କଟକଣାକୁ କାର୍ଯ୍ୟକାରୀ କଲେ ତାହା ଦେଶର ସାର୍ବଭୌମ୍ୟତାକୁ ଯଥାର୍ଥ କରିପାରିବ କି ନାହିଁ ବୋଲି ଯୁକ୍ତି କରିବା ଉଚିତ ଥିଲା କି ?

ପୁଣି ଏକ ପାଞ୍ଚ ଜଣିଆ ବେଞ୍ଚରେ ସୁପ୍ରିମ କୋର୍ଟ ଏକ ନିଷ୍ପତ୍ତି ଜଣାଇଥିଲା ।୨୦ ନଂ- ୧୯୭୪ ଓ ୧୯୮୨ ର ଚୁକ୍ତି ଅନୁଯାୟୀ ସମ୍ବିଧାନର ସଂଶୋଧନ ମାଧ୍ୟମରେ ଯେଉଁ ଭୂଭାଗର ଅଦଳ ବଦଳ କାର୍ଯ୍ୟକ୍ରମ କରାଯିବାର ନିୟମ ପ୍ରଣୟନ କରାଯାଇଥିଲା (ବେରୁବରୀ ୟୁନିୟନ-୧୨ ପାଇଁ ) ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ । ଯାହାକୁ ଉଦ୍ଦେଶ୍ୟ ମୂଳକ ଭାବରେ ପୂର୍ବ ପାକିସ୍ତାନକୁ ଦିଆଯାଇଥିଲା ତାହା ବାଙ୍ଗଲାଦେଶକୁ ମିଳିନାହିଁ ବା ଦାହଗ୍ରାମ ଓ ଅଙ୍ଗରପୋଟା (ବାଙ୍ଗଲାଦେଶରେ ଥିବା ଅଞ୍ଚଳ) ଏପର୍ଯ୍ୟନ୍ତ ଭାରତକୁ ମିଳିନାହିଁ । ତେଣୁ ପୂର୍ବ କଥିତ ତଥ୍ୟାନୁଯାୟୀ ସଂମ୍ବିଧାନର ସଂଶୋଧନ ନିହାତି ଭାବରେ ଜରୁରୀ । ଡିଭିଜନ ବେଞ୍ଚର ମତାନୁସାରେ ବେରୁବରୀକୁ ଭାରତରେ ରଖିବା ପାଇଁ ଉକ୍ତ ଅଦବ ବଦଳ କାର୍ଯ୍ୟପନ୍ଥା ଆବଶ୍ୟକ ଅଟେ ।

ଅର୍ଟୋନୀ ଜେନେରାଲ ଯୁକ୍ତି କରିଥିଲେ କି ଏହା ଅନାବଶ୍ୟକ ଓ ଡିଭିଜନ ବେଞ୍ଚ ଦ୍ୱାରା ମଧ୍ୟ ମଞ୍ଜୁର ନମିଳିବା ଉଚିତ । ଆମେମାନେ ମଧ୍ୟ ତାହାକୁ ଧରି ନେଇଥିଲୁ । ମାତ୍ର ସମସ୍ତ ନିଷ୍ପତ୍ତି ଶୁଣିବା ପରେ ଆମେ ଜାଣି ପାରିଲୁ କି, ଅର୍ଟୋନୀ ଜେନେରାଲ ଡିଭିଜନ ବେଞ୍ଚ ଆଗରେ ପ୍ରକାଶ କରିଥିଲେ କି, ୧୯୭୪ ଓ ୧୯୮୨ ମସିହାର ଚୁକ୍ତିରେ ଭୂଭାଗ ପ୍ରଦାନ କରିବା ନେଇ ଯାହା

କୁହାଯାଇଥିଲା, ସେଥିରେ ସାମ୍ବିଧାନିକ ସଂଶୋଧନ ନିହାତି ଆବଶ୍ୟକ । ଆନ୍ତର୍ଜାତୀୟ ନିୟମ ଦୃଷ୍ଟିରୁ ଦେଖିଲେ ପୂର୍ବରୁ ଏପରି କୌଣସି ଭୂଭାଗ ପ୍ରଦନ କରାଯାଇନାହିଁ । ଏମିତି କୌଣସି ଧାର୍ଯ୍ୟ ଦିନ ଆସିବ ଓ ସମ୍ବିଧାନର ୯ମ ସଂଶୋଧନକୁ ଗ୍ରହଣ କରାଯିବ ତାହା କେବେ ମଧ୍ୟ ଘଟିବ ନାହିଁ । ତାହା ଏକ ସୁପ୍ତ ତଥା ମୃତ ଅବସ୍ଥାରେ ପଡ଼ିରହି ଆଦୌ କାର୍ଯ୍ୟକାରୀ ହୋଇ ପାରିବନାହିଁ ।

ଉପରୋକ୍ତ ନିଷ୍ପତ୍ତି ଅନୁଯାୟୀ ଯଦି କୌଣସି ଭୂଭାଗ ପ୍ରଦାନ କରାଯିବ ତେବେ ପ୍ରଥମେ ସାମ୍ବିଧାନିକ ସଂଶୋଧନ ଜରୁରୀ । ମାତ୍ର ଯେଣୁ ସେଠାରେ କୌଣସି ଭୂଭାଗ କଥା ମାନ୍ୟବର ସୁପ୍ରିମ କୋର୍ଟ ଦର୍ଶାଇ ପାରିନଥିଲେ ତେଣୁ ସେଠାରେ ସଂଶୋଧନ ଜରୁରୀ ନୁହେଁ ବୋଲି ମତାମତ ଦିଆଯାଇଥିଲା ।

ତେଣୁ ଏପରି ଅଭିଯୋଗ ବିହୀନ ପରିସମାପ୍ତି ସହ ମାନ୍ୟବର ସୁପ୍ରିମ କୋର୍ଟ ଏକ ସର୍ବଗ୍ରହଣୀୟ ନିୟମକୁ ଅନୁମୋଦନ ଦେଇଥିଲେ କି ଦେଶର ସାର୍ବଭୌମ୍ୟତା ଦୃଷ୍ଟିରେ ଆବଶ୍ୟକ ସ୍ଥଳେ ଦେଶର ଭୂଭାଗକୁ ଅଦଳ ବଦଳ କରାଯିବାର କ୍ଷମତା ଅନ୍ତର୍ଭୁକ୍ତ । ମାତ୍ର ଉକ୍ତ କ୍ଷମତା ସମ୍ବିଧାନର ଧାରା ୩୬୮ ଅନୁଯାୟୀ ସଂଶୋଧନ ମାଧ୍ୟମରେ କରାଯାଇ ପାରିବ । ତାହା ସମ୍ବିଧାନ ୧୧୯ ତମ ସଂଶୋଧନର ୨୦୧୩ ର ବିଲ ଅଟେ ।

ଆପଣଙ୍କର

ସଲମନ ଖୁର୍ସିଦ